**ଫୁଲ ତୋଳିବାକୁ ଆସି ଜୀବନ ଗଲା**

ଖଇରା,(ଉତ୍କଳବନ୍ଧୁ ପଣ୍ଡା)- ବାଲେଶ୍ୱର ଜିଲା ଖଇରା ଥାନା ଅଧୀନ ନନ୍ଦୁର ଗ୍ରାମରେ ଏକ ଅଭାବନୀୟ ଘଟଣା ଘଟିଛି । ଠାକୁର ପୂଜାପାଇଁ ଫୁଲ ତୋଳିବାକୁ ଆସିଥିବା ଜଣେ ମହିଳା ଛିଣ୍ଡି ପଡ଼ିଥିବା ବିଦ୍ୟୁତ୍ ତାର ସଂସ୍ପର୍ଶରେ ପ୍ରାଣ ହରାଇଛନ୍ତି। ମୃତ ମହିଳା ଜଣକ ହେଲେ ଖଇରା ହାଇସ୍କୁଲର ପୂର୍ବତନ ପ୍ରଧାନଶିକ୍ଷକ ବରେନ୍ଦ୍ର ରାଉତଙ୍କ ସ୍ତ୍ରୀ ଅନ୍ନପୂର୍ଣ୍ଣା(୫୮)। ପ୍ରତିଦିନ ପରି ରବିବାର ସକାଳେ ସେ ବାଡ଼ିକୁ ଫୁଲ ତୋଳିବାକୁ ଯାଇଥିଲା ବେଳେ ଛିଣ୍ଡି ପଡ଼ିଥିବା ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଗୁରୁତର ହୋଇଥିଲେ। ଚିକିତ୍ସା ପାଇଁ ତାଙ୍କୁ ଖଇରା ମେଡିକାଲ ନିଆଯାଇଥିବା ବେଳେ ଡାକ୍ତର ମୃତ ଘୋଷଣା କରିଥିଲେ।



# ସମସ୍ତଙ୍କ ମୁହଁରେ ଜୟ ଶ୍ରୀରାମ

କେନ୍ଦୁଝର(ନରେଶ ଚନ୍ଦ୍ର ପଟ୍ଟନାୟକ)/ଢେଙ୍କିକୋଟ(ନୀଳମଣି ମଣ୍ଡଳ)/ଯୋଡା(ମାନସ ମହାନ୍ତି)/ଚମ୍ପୁଆ(ମହେଶ୍ୱର ଦାସ)/ଝୁମ୍ପୁରା(ଶଶିଭୂଷଣ ବେହେରା)/ଘଟଗାଁ (ରାଜେନ୍ଦ୍ର କୁମାର ପଟନାୟକ)୨୨।୧



ଢେଙ୍କିକୋଟ



ଯୋଡା

ଅଯୋଧାରେ ରାମଲାଲାଙ୍କ ପ୍ରାଣ ପ୍ରତିଷ୍ଠା ସହ ମନ୍ଦିର ପ୍ରତିଷ୍ଠା ଉତ୍ସବ ପାଳନ ହେଉଛି। ଏହି ଅବସରରେ ସାରା ଦେଶରେ ଉତ୍ସବର ମାହୋଲ ସୃଷ୍ଟି ହୋଇଛି। କେନ୍ଦୁଝରରେ ମଧ୍ୟ ବିଭିନ୍ନ ମନ୍ଦିରରେ ସ୍ୱତନ୍ତ୍ର ପୂଜା ହୋଇଛି। ସବୁ ଆଡ଼େ ସୋମବାର ରାମମୟ ହୋଇଯାଇଥିବା ବେଳେ ସମସ୍ତଙ୍କ ମୁହଁରେ ଗୋଟିଏ ଶବ୍ଦ ଜୟ ଶ୍ରୀ ରାମ ଶୁଣିବାକୁ ମିଳିଥିଲା।

କେନ୍ଦୁଝର ସଦର ବ୍ଲକ୍ ଅନ୍ତର୍ଗତ ବାଉରୀପଦା ପଞ୍ଚାୟତ ମୁକୁନା ଗ୍ରାମରେ ଶ୍ରୀରାମ ମନ୍ଦିରରେ ଦୀପଦାନ କରାଯାଇଛି। ସୂଚନାଯୋଗ୍ୟ, ରୁକୁଣାଦେଇପୁର ଶାସନର ଗୋପୀନାଥ ତ୍ରିପାଠୀ ୧୯୮୦ରେ ଜଙ୍ଗଲ ରାସ୍ତାରୁ ପ୍ରଭୁ ଶ୍ରୀରାମଙ୍କୁ ପାଇ ମୁକୁନା ଗ୍ରାମର ଦେହୁରୀଙ୍କୁ ଜଣାଇଥିଲେ। ତାଙ୍କର ଆଦେଶରେ ଗ୍ରାମରେ ପୂଜା କାର୍ଯ୍ୟ ଆରମ୍ଭ କରାଯାଇଥିଲା। ୨୦୨୨ରେ ସମସ୍ତଙ୍କର ଉଦ୍ୟମରେ ଏବଂ କମିଟିର ପ୍ରଚେଷ୍ଟାରେ ଶ୍ରୀରାମଚନ୍ଦ୍ରଙ୍କ ଭବ୍ୟ ମନ୍ଦିର ପ୍ରତିଷ୍ଠା ହୋଇଛି।

ଢେଙ୍କିକୋଟ୍‌ଠାରେ ଥିବା ହନୁମାନ କମିଟି ଦ୍ୱାରା ରାଲି ବାହାରି ବଜାର, ସାହି, ବସ୍ତି ପରିକ୍ରମା କରିଥିଲା। ଦଳେଇ ସାହିସ୍ଥିତ ହନୁମାନ କମିଟିର ସଭାପତି ମକରଧ୍ୱଜ ସାହୁଙ୍କ ନେତୃତ୍ୱରେ ସମ୍ପାଦକ ରାଜକିଶୋର ସାହୁ, ସକ୍ରିୟ ସଦସ୍ୟ କୃପାସିନ୍ଧୁ ଦଳେଇ ପ୍ରମୁଖ ରାଲିକୁ ପରିଚାଳନା କରିଥିଲେ। ଶ୍ରୀରାମଙ୍କ ଝଣ୍ଡା ଧରି ଗ୍ରାମର ପିଲାଠାରୁ ବୃଦ୍ଧ ପର୍ଯ୍ୟନ୍ତ ଗେରୁଆ ବସ୍ତ୍ର ପିନ୍ଧି ଖୋଳ କୀର୍ତ୍ତନର ତାଳେ ତାଳେ ବଜାର ସାହି ବୁଲିଥିଲେ। ସମସ୍ତଙ୍କ ମୁହଁରେ ଜୟ ଶ୍ରୀ ରାମର ନାରା ଶୁଭୁଥିଲା। ଯୋଡ଼ାର ବିଭିନ୍ନ ମନ୍ଦିରରେ ମହା ସମାରୋହରେ ଉତ୍ସବ ପାଳନ କରାଯାଇଛି। ଯୋଡା ବଜରଙ୍ଗ ଦଳ, ଆରଏସଏସ ସହ ମନ୍ଦିର କମିଟି ପକ୍ଷରୁ ଯୋଡ଼ା ସହରରେ ଥିବା ପୋଷ୍ଟ ଅଫିସ ସମ୍ମୁଖ ଓ ଏସ୍‌ବିଆଇ ବ୍ୟାଙ୍କ ନିକଟରେ ଥିବା ହନୁମାନ ମନ୍ଦିରକୁ ଆକର୍ଷଣୀୟ ରୂପେ ସଜ୍ଜିତ କରାଯାଇଥିଲା। ପ୍ରାଣ ପ୍ରତିଷ୍ଠା ଉତ୍ସବର ଦର୍ଶନ ନିମନ୍ତେ ବଡ ଏଲଇଡି ମାଧ୍ୟମରେ ପ୍ରସାରଣ ବ୍ୟବସ୍ଥା କରାଯାଇଥିଲା। ରାମାୟଣ ପାଠ, ହନୁମାନ ଚାଳିଶା ପାଠ ସହିତ ପ୍ରବଚନ କାର୍ଯ୍ୟକ୍ରମ ରହିଥିଲା। ଶୋଭାଯାତ୍ରା ଯୋଡ଼ା ସହର ପରିକ୍ରମା କରିଥିଲା। ସେହିପରି ବିଲେଇପଦା, ଜୁରୁଡିରେ ଥିବା ହନୁମାନ ମନ୍ଦିର, ଗଣେଶ ମନ୍ଦିରରେ ପୂଜା ହୋଇଥିଲା। ହନୁମାନ ମନ୍ଦିର କମିଟି ସଦସ୍ୟ ପ୍ରଭୁରଞ୍ଜନ ଶତପଥୀ, ଚିତ୍ତରଞ୍ଜନ ମହାନ୍ତି, ପ୍ରମୁଖ ସହଯୋଗ କରିଥିଲେ। ଚମ୍ପୁଆ ଓ ଝୁମ୍ପୁରାରେ ଅବସ୍ଥିତି ଶ୍ରୀରାମ ମନ୍ଦିରକୁ ଆକର୍ଷଣୀୟ ଭାବେ ସାଜ ସଜ୍ଜା ହୋଇଥିବା ବେଳେ ପ୍ରତ୍ୟୁଷରୁ ଭକ୍ତଙ୍କ ଆଗମନ ହୋଇଥିଲା। ପୂଜାର୍ଚ୍ଚନା ପରେ ଶତାଧିକ ମହିଳାମାନଙ୍କ ଦ୍ୱାରା ପୂର୍ଣ୍ଣତୟା ବୈତରଣୀ ନଦୀରୁ କଳସ ଯାତ୍ରା ମାଧ୍ୟମରେ ଜଳ ଅଣାଯାଇ ପୂଜାର୍ଚ୍ଚନା କରାଯାଇଥିଲା। ଅପରାହ୍ନରେ ୩ ହଜାରରୁ ଊର୍ଦ୍ଧ ଭକ୍ତ ଶ୍ରୀ ରାମ ଧ୍ୱଜ ଓ ହନୁମାନ ଧ୍ୱଜ ଧରି ପାରମ୍ପରିକ ନୃତ୍ୟ ମାଧ୍ୟମରେ ଜୟ ଶ୍ରୀରାମ ଧ୍ୱନୀ ଦେଇ ସହର ପରିକ୍ରମା କରାଯାଇଥିଲା। ମା' ତାରିଣୀଙ୍କ ପୀଠ ଘଟଗାଁ ରାମମୟ ହୋଇଛି। ମନ୍ଦିର ନିକଟ ବାଇପାସରୁ ବିଶ୍ୱହିନ୍ଦୁ ପରିଷଦ ପକ୍ଷରୁ ଆୟୋଜିତ ଶୋଭାଯାତ୍ରାରେ ଘଟଗାଁର ବଜରଙ୍ଗଦଳ, ସତ୍ୟସାଇ ସେବା ସଂଗଠନ, ଗାୟତ୍ରୀ ପରିବାର, ଶିକ୍ଷା ବିକାଶ ସମିତି ସହ ସ୍ଥାନୀୟ ଅଞ୍ଚଳର ବିଭିନ୍ନ କୀର୍ତ୍ତନ ମଣ୍ଡଳୀ ସାମିଲ ହୋଇଥିଲେ। ମା' ତାରିଣୀ ମନ୍ଦିର, ହନୁମାନ ମନ୍ଦିର, ଘଟକେଶ୍ୱର୍ ମନ୍ଦିର, ଦାରଶୁଣି ମନ୍ଦିର, ଶନି ମନ୍ଦିର, ପଞ୍ଚମୁଖୀ ହନୁମାନ ମନ୍ଦିର, ଜଗନ୍ନାଥ ମନ୍ଦିର, ମା' ମଙ୍ଗଳା ମନ୍ଦିର, ତହସିଲ ନିକଟ ହନୁମାନ ମନ୍ଦିର ଓ ବାଣେଶ୍ୱର୍ ଶିବ ମନ୍ଦିରରେ ଯଜ୍ଞ ଅନୁଷ୍ଠିତ ହୋଇଥିଲା। ବଜରଙ୍ଗଦଳର ମୁଖ୍ୟ ପ୍ରଦୀପ ରାଉତ, ସତ୍ୟସାଇ ସେବା ସଂଗଠନର ଅମରେଶ୍ୱର୍ ବେହେରା, ଗାୟତ୍ରୀ ପରିବାର ପକ୍ଷରୁ ରାଜକିଶୋର ମୁଦି, ଶରତ ସେଠୀ, ଶିକ୍ଷା ବିକାଶ ସମିତି ପକ୍ଷରୁ ଶିକ୍ଷକ ଦୀନବନ୍ଧୁ ପ୍ରଧାନ ପ୍ରମୁଖ ସାମିଲ ହୋଇଥିଲେ। ସନ୍ଧ୍ୟାରେ ମା' ତାରିଣୀଙ୍କ ପୀଠ ଓ ହନୁମାନ ମନ୍ଦିର ସମେତ ବିଭିନ୍ନ ମନ୍ଦିରରେ ୧୦୦୮ ପ୍ରଦୀପ ପ୍ରଜ୍ୱଳନ କରାଯାଇଥିଲା।

## ଅଯୋଧ୍ୟାରୁ ଆସିଥିବା ଶ୍ରୀରାମଙ୍କ ପିତ୍ତଳ ମୂର୍ତ୍ତିକୁ ସ୍ୱତନ୍ତ୍ର ପୂଜା

ପାଟଣା,୨୨।୧(ବୀର କିଶୋର ଦାଶ)

ଅଯୋଧାରେ ରାମଲାଲାଙ୍କ ପ୍ରାଣ ପ୍ରତିଷ୍ଠା ଓ ମନ୍ଦିର ପ୍ରତିଷ୍ଠା ସୋମବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ କେନ୍ଦୁଝର ଜିଲା ପାଟଣା ବ୍ଲକ୍ ସ୍ୱାମ ଶାସନରେ ଅଯୋଧ୍ୟାରୁ ୩୬ ବର୍ଷ ତଳେ ଆସିଥିବା ଶ୍ରରାମଙ୍କ ପାଟଣା ମୁଖ୍ୟାଳୟ ରାମ ମନ୍ଦିରରେ ସୋମବାର ସ୍ୱତନ୍ତ୍ର ପୂଜା ଅନୁଷ୍ଠିତ ହୋଇଯାଇଛି। ପୂଜକ ଭାବେ ପଣ୍ଡିତ ଅଲେଖ ଚନ୍ଦ୍ର ତ୍ରିପାଠୀ ପୂଜା ଅର୍ଚ୍ଚନା କରିଥିବା ବେଳେ କର୍ତ୍ତାଭାବେ ବୀର ମୋହନ ଦ୍ୱିବେଦୀ ଦେବ ନୀତି ସମ୍ପାଦନ କରିଥିଲେ। ସୂଚନାଯୋଗ୍ୟ, ୧୯୮୭ରେ ରାମ ମନ୍ଦିରରୁ ତାଲା ଖୋଲିବା ଦାବିରେ ଅଯୋଧ୍ୟାରୁ ବାହାରିଥିବା ୧୯୪ଟି ରଥରେ ଅଧିଷ୍ଠିତ ଶ୍ରୀ ରାମ, ସୀତା, ହନୁମାନ ଓ ଭାରତ ମାତାଙ୍କ ପିତ୍ତଳ ମୂର୍ତ୍ତି କେନ୍ଦୁଝର ଓ ମୟୂରଭଞ୍ଜ ଜିଲା ପରିକ୍ରମା କରିଥିଲା। ସେହିଦିନଠାରୁ ପାଟଣା ବ୍ଲକ୍ ସ୍ୱାମ ଶାସନର ବିଶ୍ୱ ହିନ୍ଦୁ ପରିଷଦ ଓଡ଼ିଶା ପୂର୍ବ ପ୍ରାନ୍ତ ପ୍ରମୁଖ ମଦନ ମୋହନ ଦ୍ୱିବେଦୀଙ୍କ ଘରେ ରାମ, ସୀତା, ହନୁମାନ ପୂଜା ପାଉଛନ୍ତି। ଅନୁରୂପ ଭାବେ ପାଟଣା ମୁଖ୍ୟାଳୟ ପାଟଣାର ପ୍ରାଚୀନ ଆନନ୍ଦେଶ୍ୱର ମନ୍ଦିର ପରିସରରେ ଥିବା ରାମ ମନ୍ଦିରରେ ନୀତିକାନ୍ତିରେ ପୂଜା ଅର୍ଚ୍ଚନା ହୋଇଛି। ସ୍ୱାମ ହନୁମାନ ମନ୍ଦିରରୁ ପାଟଣା ମୁଖ୍ୟାଳୟ ରାମ ମନ୍ଦିରକୁ ହନୁମାନଙ୍କ ଝଣ୍ଡା ଯାତ୍ରା ହୋଇଥିଲା।



ସ୍ୱାମ ଶାସନରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା ଚାଲିଛି।

## ୬ କୋଟିରେ ନିର୍ମାଣ ହେବ ସୁଣ୍ଡିଆଡିହି-ବାଣିତିଆ ରାସ୍ତା

ଖଇରା,୨୨।୧(ଉତ୍କଳବନ୍ଧୁ ପଣ୍ଡା)

ବାଲେଶ୍ୱର ଓ ଭଦ୍ରକ ଜିଲାକୁ ସଂଯୋଗ କରୁଥିବା ସୁଣ୍ଡିଆଡିହି-ବାଣିତିଆ ଭାୟା ରସୁଣା ଅବଦୁଲାପୁର ରାସ୍ତାର ଶୁଭ ଭିତ୍ତିପ୍ରସ୍ତର ସ୍ଥାପନ ବିଧାୟକ ଜ୍ୟୋତି ପ୍ରକାଶ ପାଣିଗ୍ରାହୀଙ୍କ ଦ୍ୱାରା ସମ୍ପନ୍ନ ହୋଇଛି । ନରେନ୍ଦ୍ର କୁମାର ମହାପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ ଶିଳାନ୍ୟାସ ଉତ୍ସବରେ ବିଧାୟକ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଜିଲା ପରିଷଦ ସଭ୍ୟା ସୁଷମା ମହାପାତ୍ର, ସରପଞ୍ଚ ରାଜେନ୍ଦ୍ର କୁମାର ଦାସ, ଗ୍ରାମ ମୁଖିଆ ସରୋଜ ମହାପାତ୍ର ଓ ପୀତାମ୍ବର ପାଣିଗ୍ରାହୀ, ପଞ୍ଚାୟତ ଯୁବ ସଭାପତି ପବିତ୍ର ମୋହନ ସାହୁ, ବ୍ରଜକିଶୋର ମହାନ୍ତି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଦିବାକର ଜେନା ଧନ୍ୟବାଦ ଅର୍ପଣ କରିଥିଲେ। ୪ କି.ମି, ରାସ୍ତା ପାଇଁ ୫କୋଟି ୯୮ଲକ୍ଷ ଟଙ୍କା ଖର୍ଚ୍ଚ ହେବ ।



ଶିଳାନ୍ୟାସ ଉତ୍ସବରେ ମଞ୍ଚାସୀନ ଅତିଥିମାନେ।

## ସଂକ୍ଷେପରେ

### ଅଧା ଛୁଟିଦିନ ଯୋଗୁ ଆସିଲେନି ଅଭିଯୋଗକାରୀ

ମିଳିତ ଜନଶୁଣାଣିରେ ୧୪ ଅଭିଯୋଗ

ଭଦ୍ରକ,୨୨।୧ (ସନାତନ ରାଉତ)- ଅଯୋଧାରେ ଶ୍ରୀରାମଙ୍କ ପ୍ରାଣ ପ୍ରତିଷ୍ଠା ଉତ୍ସବ ପାଇଁ ସୋମବାର ସରକାରଙ୍କ ଦ୍ୱାରା ଅଧା ଛୁଟି ଘୋଷଣା କରାଯାଇଥିବାରୁ ଅପରାହ୍ନ ୨ଟା ୩୦ରେ ଭଦ୍ରକ ବ୍ଲକ ସମ୍ମିଳନୀ କକ୍ଷରେ ମିଳିତ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ଓ ଏସ୍‌ପି ବରୁଣ ଗୁଣ୍ଟୁପାଲି ଏଥିରେ ଯୋଗଦେଇ ସମୁଦାୟ ୧୪ ଅଭିଯୋଗର ଶୁଣାଣି କରିଥିଲେ। ସେଥିମଧ୍ୟରୁ ୧୨ଟି ବ୍ୟକ୍ତିଗତ ସମସ୍ୟାଭିତ୍ତିକ ଓ ୨ଟି ସାମୂହିକ ସମସ୍ୟାଭିତ୍ତିକ ଥିଲା। ଅଧା ଛୁଟିଦିନ ଥିବାରୁ ଅଭିଯୋଗକାରୀମାନେ ଶିବିରକୁ ଆସି ନ ଥିଲେ। ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସନ୍ତୋଷ କୁମାର ପାତ୍ର, ଏସିଡିଓ କୁଶଳ ଚନ୍ଦ୍ର ନାୟକ, ବ୍ଲକ ଅଧ୍ୟକ୍ଷା ଉର୍ମିଳା ନାୟକ, ବିଡିଓ ସୀତାକାନ୍ତ ରାଉତ ପ୍ରମୁଖଙ୍କ ସହ ଜିଲା ଓ ବ୍ଲକସ୍ତରୀୟ ଅଧିକାରୀ ଶିବିରରେ ଉପସ୍ଥିତ ଥିଲେ।

### ସୁବର୍ଣ୍ଣରେଖାରୁ ମୃତଦେହ ଜବତ

ବାଲିଆପାଳ(ଗୋପାଳ ଚନ୍ଦ୍ର ସାହୁ/ଅମୂଲ୍ୟ କୁମାର ଦାସ),୨୨।୧- ବାଲେଶ୍ୱର ଜିଲା ବାଲିଆପାଳ ବ୍ଲକ ଅନ୍ତର୍ଗତ ବିଷ୍ଣୁପୁର ଗ୍ରାମ ଦେଇ ପ୍ରବାହିତ ସୁବର୍ଣ୍ଣରେଖା ନଦୀରୁ ସୋମବାର ଭାସୁଥିବା ଅବସ୍ଥାରେ ଏକ ମୃତଦେହ ଜବତ ହୋଇଛି। ମୃତକ ହେଲେ ବିଷ୍ଣୁପୁରର କାଳୀଚରଣ ମଣ୍ଡଳ(୪୫)। ସେ ୨ଦିନ ପୂର୍ବରୁ ନିଖୋଜ ଥିଲେ। ସୋମବାର ପୂର୍ବାହ୍ନରେ ତାଙ୍କ ମୃତଦେହ ନଦୀରେ ଭାସୁଥିବା ଦେଖିବାକୁ ମିଳିଥିଲା। ଅଗ୍ନିଶମ କର୍ମଚାରୀ ମୃତଦେହ ଉଦ୍ଧାର କରିଥିଲେ। ବାଲିଆପାଳ ପୋଲିସ ତଦନ୍ତ ଜାରି ରଖିଛି।

## ଜୟ ଶ୍ରୀରାମ ଧ୍ୱନିରେ ପ୍ରକମ୍ପିତ ଭଦ୍ରକ ସହର

ଭଦ୍ରକ,୨୨।୧(ସନାତନ ରାଉତ/ରବିନାରାୟଣ ଖିଲାର)

ଅଯୋଧାରେ ରାମମନ୍ଦିରରେ ରାମଲାଲାଙ୍କ ପ୍ରାଣ ପ୍ରତିଷ୍ଠା ଉତ୍ସବ ଅବସରରେ ସୋମବାର ସାରା ଦେଶ ଉତ୍ସବମୁଖର ହୋଇଛି। ଏହି ପରିପ୍ରେକ୍ଷୀରେ ଭଦ୍ରକରେ ଗାଁରୁ ସହର ପର୍ଯ୍ୟନ୍ତ ରାମମୟ ହୋଇଛି। ସହରର ସମସ୍ତ ମନ୍ଦିର ପରିସରକୁ ଗେରୁଆ ରଙ୍ଗରେ ସଜ୍ଜିତ କରାଯାଇଥିବା ବେଳେ ଜୟ ଶ୍ରୀରାମ ଧ୍ୱନିରେ ପ୍ରକମ୍ପିତ ହୋଇଥିଲା। ସମସ୍ତଙ୍କ ଘର ସମ୍ମୁଖରେ କଳସ ବସାଯିବା ସହ ଝୋଟି, ମୁରୁଜ ପଡ଼ିଥିବା ସହରର ଗାନ୍ଧୀପଡ଼ିଆଠାରେ ଶ୍ରୀରାମ ମହାଯଜ୍ଞ ସମିତି ପକ୍ଷରୁ ପ୍ରାତଃରୁ ମହାଯଜ୍ଞ ଆୟୋଜନ କରାଯାଇଥିଲା। ଏଥିସହ ଅଯୋଧାରେ ଚାଲୁଥିବା ପ୍ରାଣପ୍ରତିଷ୍ଠା କାର୍ଯ୍ୟକ୍ରମ ଲାଇଭ୍ ଏଲ୍‌ଇଡି ମାଧ୍ୟମରେ ପ୍ରଦର୍ଶିତ କରାଯାଇଛି। ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ପ୍ରବଚନ ଅନୁଷ୍ଠିତ ହୋଇଥିଲା। ୫୦୮ ଦୀପ ପ୍ରଜ୍ୱଳନ ସହ ସାମୂହିକ ହନୁମାନ ଚାଳିଶା ପାଠ କରାଯାଇଥିଲା। ସେହିପରି କଚେରି ବଜାର ମୋଚିଛକରେ ଶ୍ରୀରାମଙ୍କ ଫଟୋଚିତ୍ର ରଖି ପ୍ରଦୀପ ପ୍ରଜ୍ୱଳନ ସହ ଏଲ୍‌ଇଡି ଦ୍ୱାରା ଅଯୋଧାର ସିଧାପ୍ରସାରଣ ପ୍ରଦର୍ଶିତ କରାଯାଇଥିଲା। ବାଲଗୋପାଳ ମନ୍ଦିର, ଚାରିଘରିଆସ୍ଥିତ ଶନି ମନ୍ଦିର, ହନୁମାନ ମନ୍ଦିର ସମେତ ବିଭିନ୍ନ ମନ୍ଦିରରେ ପୂଜାପାଠ ସହ ସଂକୀର୍ତ୍ତନ ହୋଇଥିଲା। ମହତାବ ନଗର ମଙ୍ଗଳା ମନ୍ଦିରରେ ନାମ ସଂକୀର୍ତ୍ତନ, ଦୀପଦାନ କରାଯାଇଥିଲା। ନବଜୀବନ କିନ୍ନର ସଂଘ ପକ୍ଷରୁ ଚରମ୍ପା ପଥରଆଡ଼ ଆଦିବାସୀ ସାହିରେ ସ୍ୱଚ୍ଛତା କାର୍ଯ୍ୟକ୍ରମ କରାଯାଇଛି। ସଂଘର ସଭାପତି ଶ୍ରାବଣୀ କିନ୍ନରଙ୍କ ନେତୃତ୍ୱରେ ରାସ୍ତା ସଫା କରିବା, ସମସ୍ତଙ୍କ ଘରେ ସନ୍ଧ୍ୟାରେ ଦୀପ ଜାଳିବା ପାଇଁ ପରାମର୍ଶ ଦେବା ସହ ମିଠା ବଣ୍ଟନ କରାଯାଇଥିଲା।



ଗାନ୍ଧୀପଡ଼ିଆଠାରେ ମହାଯଜ୍ଞ ଚାଲିଛି।

## ଜନଶୁଣାଣି: ଚିକିତ୍ସା ପାଇଁ ଦିଆଗଲା ସହାୟତା

**ଉଦଳା, ୨୨।୧ (ସନ୍ତୋଷ କୁମାର ବାଛିନୀ):** ମୟୂରଭଞ୍ଜ ଜିଲା କପ୍ତିପଦା ଉପଖଣ୍ଡ ଉଦଳାରେ ଉପଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଜନଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ବିନୀତ ଭରଦ୍ୱାଜ, ଅତିରିକ୍ତ ଜିଲାପାଳ ଦୌଲତ ଚନ୍ଦ୍ରକାର ଓ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଉମେଶ କୁମାର ପଣ୍ଡା ଯୋଗଦେଇ ୮ଟି ଅଭିଯୋଗର ଶୁଣାଣି କରିଥିଲେ। ଉପଖଣ୍ଡର ଉପଜିଲାପାଳଙ୍କ ଅନୁପସ୍ଥିତି ଯୋଗୁ ଡେପୁଟି କଲେକ୍ଟର ପ୍ରତୀକ ପଣ୍ଡା ଓ ସହକାରୀ ଜିଲାପାଳ ସୁବ୍ରତ ଘୋଷଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଶିବିରରେ ପ୍ରକଳ୍ପ ପ୍ରଶାସକ ନରେନ୍ଦ୍ର ଖମାରୀ, ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ସାର୍ଥକ ରାୟ, ଡା. ମହେଶ୍ୱର ଦାସ ଯୋଗ ଦେଇଥିଲେ। ସମସ୍ତ ଅଭିଯୋଗ ବ୍ୟକ୍ତିଗତ ସମସ୍ୟା ସମ୍ବଳିତ ଥିଲା। ସେଥିମଧ୍ୟରୁ ଗୋଟିଏର ତତ୍କାଳ ସମାଧାନ କରାଯାଇ କପ୍ତିପଦା ବ୍ଲକ ବଡ଼ବିଶୋଳ ଗ୍ରାମର ବଳରାମ ପରିଡ଼ାଙ୍କୁ ଚିକିତ୍ସା ନିମନ୍ତେ ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠିରୁ ୫ ହଜାର ଟଙ୍କା ସହାୟତା ପ୍ରଦାନ କରାଯାଇଥିଲା। ଶାଳଚୁଆ ସୁନେଇ ଜଳସେଚନ ଅଞ୍ଚଳର ବିସ୍ଥାପିତମାନଙ୍କୁ ପ୍ରତିଶ୍ରୁତି ମୁତାବକ ଉଚିତ ସହାୟତା, ଗୋଚର ଜମିରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଗୃହ ନିର୍ମାଣ ନିମନ୍ତେ ଅନୁମତି, ଜଙ୍ଗଲ ଜମି ପଟ୍ଟାରେ ନାମ ଯୋଗ, ଉତ୍ତରାଧିକାରୀ ପ୍ରମାଣପତ୍ର ଓ ଚଞ୍ଚକତା କରି ଟଙ୍କା ହଡ଼ପ ଆଦି ସମ୍ପର୍କିତ ଅଭିଯୋଗ ଉପରେ ବିଚାର କରି ସମାଧାନ ନିମନ୍ତେ ଅଧିକାରୀମାନଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ଗୋଷ୍ଠୀ ଉନ୍ନୟନ ଅଧିକାରୀ, ତହସିଲଦାରଙ୍କ ସମେତ ଉପଖଣ୍ଡ ଓ ବ୍ଲକସ୍ତରୀୟ ବିଭିନ୍ନ ବିଭାଗ ଅଧିକାରୀ ଉପସ୍ଥିତ ଥିଲେ। ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସରୋଜ ପ୍ରଧାନ ସହଯୋଗ କରିଥିଲେ।

## ସରସ୍ୱତୀ ମନ୍ଦିର, ନବଗ୍ରହ ମଣ୍ଡପ ପ୍ରତିଷ୍ଠା

ଭଦ୍ରକ,୨୨।୧(ସନାତନ ରାଉତ)- ଭଦ୍ରକ ସହରର ପ୍ରମୁଖ ଶୈବପୀଠ ଲୋକନାଥ ମନ୍ଦିର ପରିସରରେ ନବନିର୍ମିତ ସରସ୍ୱତୀ ମନ୍ଦିର, କାର୍ତ୍ତିକେଶ୍ୱରଙ୍କ ବିଗ୍ରହ ଓ ନବଗ୍ରହ ମଣ୍ଡପ ପ୍ରତିଷ୍ଠା ଉତ୍ସବ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ମନ୍ଦିର ପରିସରରେ ପୂଜାର୍ଚ୍ଚନା ସହ ହୋମଯଜ୍ଞ କରାଯାଇ ସନ୍ଧ୍ୟାରେ ପୂର୍ଣ୍ଣାହୁତି ଦିଆଯାଇଥିଲା। ନବନିର୍ମିତ ସରସ୍ୱତୀ ମନ୍ଦିର ଚୂଳୀରେ ବିଧିପୂର୍ବକ ପୂର୍ଣ୍ଣକୁମ୍ଭ ଓ ଦଧିନଉତି ସ୍ଥାପନ କରାଯାଇଛି। ମନ୍ଦିର ମୁଖ୍ୟ ପୁରୋଧା ନିର୍ମଳ ଅଗ୍ରୱାଲ ଓ ମୁଖ୍ୟ ପୂଜକ ବିଜୟ ପାଣିଙ୍କ ତତ୍ତ୍ୱାବଧାନରେ ପୂଜକ ତ୍ରିନାଥ କର, ଶରତ ପାଣିଗ୍ରାହୀ, ହରିହର ଶୁକ୍ଳ, କାର୍ତ୍ତିକ ଚନ୍ଦ୍ର ପଣ୍ଡା, ପ୍ରଫୁଲ୍ଲ ସାମନ୍ତ, ପପୁ ନନା, ଚୁଇଁ ନନା ଯଜ୍ଞ ଓ ପୂଜା କାର୍ଯ୍ୟ ସମ୍ପନ୍ନ କରିଥିଲେ। ଜଜମାନ ଭାବେ କାହ୍ନୁଚରଣ ବେହେରା, ବାମନ ମିଶ୍ର, ଅଭିରାମ ବେହୁରିଆ ପ୍ରମୁଖ ଯୋଗ ଦେଇଥିଲେ। ସହସ୍ରାଧିକ ଭକ୍ତ ଯୋଗଦେଇ ପ୍ରସାଦ ସେବନ କରିଥିଲେ।



ନବନିର୍ମିତ ସରସ୍ୱତୀ ମନ୍ଦିର।

## ସରିଲା ମକର ମିଳନ ଉତ୍ସବ

ବାରିପଦା,୨୨।୧(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ବାରିପଦା ସହର ୧୫ ନଂ. ୱାର୍ଡସ୍ଥିତ ପୂର୍ଣ୍ଣଚନ୍ଦ୍ରପୁର ଅଞ୍ଚଳରେ ତ୍ରିରଙ୍ଗା କ୍ଲବ ଆନୁକୂଲ୍ୟରେ ୬ ଦିନ ଧରି ଚାଲିଥିବା ମକର ମିଳନ ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। ଶେଷ ଦୁଇଦିନ ଧରି ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ଅତିଥିଭାବେ ନଗରପାଳ କୃଷ୍ଣାନନ୍ଦ ମହାନ୍ତି, ଶିଳ୍ପପତି ଗିରିଶ ଚନ୍ଦ୍ର ଦାସ, ପୂର୍ବତନ ମନ୍ତ୍ରୀ ସରୋଜିନୀ ହେମ୍ବ୍ରମ, ଏମ୍‌ସିସି ବ୍ୟାଙ୍କର ସଭାପତି ସୁବ୍ରମନିୟମ ମହାନ୍ତି, ପୂର୍ବତନ ଉପ ନଗରପାଳ ଜିତେନ୍ଦ୍ର ମହାନ୍ତି, ରାଜ୍ୟ କୃଷି ନିଗମ ଅଧ୍ୟକ୍ଷ ଦେବାଶିଷ ମହାନ୍ତି, କାଉନସିଲର ନିରୁପମା ମହାନ୍ତି, ଆଇନଜୀବୀ କ୍ଷେତ୍ରମୋହନ ପଣ୍ଡା, ପ୍ରଧାନଶିକ୍ଷକ ସୋମନାଥ ସିଂହ, କ୍ଲବ୍‌ର ସଭାପତି ଆଲୋକ ମହାନ୍ତି, ଉପ ସଭାପତି ରବୀନ୍ଦ୍ର ମହାନ୍ତି, ସମ୍ପାଦକ ବିଶ୍ୱରଞ୍ଜନ ବାଗ, ମହେଶ୍ୱର ବେହେରା, ନବ କିଶୋର ପାଲବାବୁ ପ୍ରମୁଖ ୭୦ ପ୍ରକାର ଖେଳକୁଦରେ ୨ ଶହରୁ ଊର୍ଦ୍ଧ୍ୱ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। କ୍ୟାରମ ଖେଳରେ ରାଜାରାମ ମାର୍ଣ୍ଡି ଓ ସଦାନନ୍ଦ ସିଂ, ବ୍ୟାଡ୍‌ମିଣ୍ଟନରେ କୀର୍ତ୍ତିମୟ ମୁଖି ଓ ରାକେଶ ମାର୍ଣ୍ଡି, କବାଡିରେ ଏମ୍‌ବିଜେ ଟାଇଗର, ପବଜିରେ ଟିମ୍ ଭି-୭ ତଥା ଏଥଲେଟିକରେ ଧାନୀ ବୈଠା, ଲତିକା ସେନାପତି ଏବଂ ଶୁଭମ ବାଗ ଚାମ୍ପିୟନ ହୋଇ ପୁରସ୍କୃତ ହୋଇଥିଲେ। ଶିଶୁ ଶ୍ରମିକରୁ ଜାତୀୟ ଖେଳାଳି ତଥା ଏବେ ଇଞ୍ଜିନିୟରିଂ ପଢୁଥିବା ପୂର୍ଣ୍ଣଚନ୍ଦ୍ର ସ୍କୁଲର ପୂର୍ବତନ ଛାତ୍ର ମାନସ କୁମାର ନାଏକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସରୋଜ ମହାପାତ୍ର (ଲିଟନ), ଶେଖ ଅଜିଜ, ଉମେଶ ମହାରଣା, କାହ୍ନା ଘଡ଼େଇ, ରାଜେଶ ସାହୁ, ଅମିତ ତେଲେଙ୍ଗା, ଝୁନା ତେଲେଙ୍ଗା, କୁଲୁ ବୈଠା ଓ ସତ୍ୟ ନାରାୟଣ ଗୋଛାୟତ ପ୍ରମୁଖ ପରିଚାଳନା କରିଥିଲେ।

## କମଳ ଅଗ୍ରୱାଲ ଚାମ୍ପିୟନ ଟ୍ରଫି

## ୟଙ୍ଗ ଷ୍ଟାର କ୍ଲବ ଟାଇଟଲ ବିଜୟୀ



ମୁଖ୍ୟ ଅତିଥି ଚାମ୍ପିୟନ ଟିମ୍‌କୁ ଟ୍ରଫି ପ୍ରଦାନ କରୁଛନ୍ତି।

ରୂପସା,୨୨।୧(ବାଞ୍ଛାନିଧି ଦେ)

ବାଲେଶ୍ୱର ସଦର ବ୍ଲକ ଅନ୍ତର୍ଗତ ବାହାବଳପୁର ୟଙ୍ଗ ଷ୍ଟାର କ୍ଲବ ଆନୁକୂଲ୍ୟରେ ଆୟୋଜିତ କମଳ ଅଗ୍ରୱାଲ କ୍ରିକେଟ ଚାମ୍ପିୟନ ଟ୍ରଫି ସୋମବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚରେ ଭଦ୍ରକ ଫ୍ରେଣ୍ଡସ ଇଲେଭେନ କ୍ଲବକୁ ପରାସ୍ତ କରି ବାହାବଳପୁର ୟଙ୍ଗ ଷ୍ଟାର କ୍ଲବ ଚଳିତ ବର୍ଷ ଟାଇଟଲ ବିଜୟୀ ହୋଇଛି। ସବ୍ୟସାଚୀ ଆଚାର୍ଯ୍ୟ ମ୍ୟାନ ଅଫ୍ ଦି ମ୍ୟାଚ ଓ ନରୋତ୍ତମ ଭଞ୍ଜ ମ୍ୟାନ ଅଫ୍ ଦି ସିରିଜ ବିବେଚିତ ହୋଇଥିଲେ।

କ୍ଲବ ସଭାପତି ଲକ୍ଷ୍ମୀକାନ୍ତ ବେରାଙ୍କ ପୌରାହିତ୍ୟରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବିଧାୟକ ସ୍ୱରୂପ କୁମାର ଦାସ, ମୁଖ୍ୟ ବକ୍ତା ପୂର୍ବତନ ସରପଞ୍ଚ ଗୟାପ୍ରସାଦ ଦାସ, ସମ୍ମାନିତ ଅତିଥି ମତ୍ସ୍ୟଜୀବୀ ସଂଘ ସଭାପତି ବିକାଶ ଦାସ, ସମ୍ପାଦକ ଗୋରାଚାନ୍ଦ ଜେନା, ସରପଞ୍ଚ ପ୍ରବୀର କୁମାର ସାହୁ ପ୍ରମୁଖ ଯୋଗଦେଇ ଚାମ୍ପିୟନ ଟିମ୍‌କୁ ନଗଦ ୧୩ ହଜାର ଓ ରନର୍ସଅପ୍ ଟିମ୍‌କୁ ୧୦ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରିଥିଲେ। ଆମ୍ପାୟାର ତାପସ ଜେନା ଓ ସଞ୍ଜୟ ବେରା ମ୍ୟାଚ୍ ପରିଚାଳନା କରିଥିଲେ। ସଞ୍ଜୟ ମଣ୍ଡଳ ଓ ପାର୍ଥ ଦାସ ସ୍କୋରିଙ୍ଗ ଦାୟିତ୍ୱରେ ଥିଲେ। ପ୍ରେମଚାନ୍ଦ ପରିଡ଼ା, ସଞ୍ଜୀବ ମଣ୍ଡଳ ଓ ଅସୀମ ପରିଡ଼ା ଧାରା ବିବରଣୀ ପ୍ରଦାନ କରିଥିଲେ। କ୍ଲବ ସମ୍ପାଦକ ମୁକ୍ତିକାନ୍ତ ବେରା, କ୍ରୀଡ଼ା ସମ୍ପାଦକ ବିବେକ ଦାସ, ସବିନ ଜେନା, ସୁଜୟ ଦାସ, ସପନ ବର୍ମନ, କମଲ ମାଇତି, ପପୁ ଜେନା, ଇନ୍ଦ୍ରଜିତ ଜେନା ପ୍ରମୁଖ ପରିଚାଳନା କରିଥିଲେ।

## ଟିପିଏନ୍‌ଓଡିଏଲ୍‌ର 'ଉଲ୍ଲାସ' ସମାରୋହ

ବାଲେଶ୍ୱର,୨୨।୧(ମାନସ ବିଶ୍ୱାଳ)

ବାଲେଶ୍ୱର ଜିଲା ରେମୁଣା ଗୋଲେଇସ୍ଥିତ ଟିପି ନର୍ଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ ଲିମିଟେଡ୍ (ଟିପିଏନ୍‌ଓଡିଏଲ୍)ର ବାର୍ଷିକୋତ୍ସବ 'ଉଲ୍ଲାସ' ନୋସି ପରିସରରେ ଅନୁଷ୍ଠିତ ହୋଇଛି।

କାର୍ଯ୍ୟକ୍ରମରେ ଟିପିଏନ୍‌ଓଡିଏଲ୍‌ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଭାସ୍କର ସରକାର ପୌରୋହିତ୍ୟ କରି ବିଦ୍ୟୁତ୍ ବିତରଣ କ୍ଷେତ୍ରରେ ଟିପିଏନ୍‌ଓଡିଏଲ୍ ଗ୍ରହଣ କରିଥିବା ବିଭିନ୍ନ ଉଲ୍ଲେଖନୀୟ ପଦକ୍ଷେପ ସମ୍ପର୍କରେ ଆଲୋକପାତ କରିଥିଲେ। ଏଥିସହ 'ଏଟି ଆଣ୍ଡ ସି' କ୍ଷତିକୁ ହ୍ରାସ କରିବାରେ କମ୍ପାନୀ ହାସଲ କରିଥିବା ମାଇଲଖୁଣ୍ଟ ସମ୍ପର୍କରେ ବଖାଣିଥିଲେ। ମିଳିଥିବା ଗ୍ରେଟ୍ ପ୍ଲେସ ଟୁ ୱର୍କ ମାନ୍ୟତା ଓ ଟିପିଏନ୍‌ଓଡିଏଲ୍‌ର ସମସ୍ତ କର୍ମଚାରୀଙ୍କୁ ସଫଳତାର ଶ୍ରେୟ ପ୍ରଦାନ କରିଥିଲେ। ମାତ୍ର କିଛି ବର୍ଷରେ ସଂସ୍ଥା ନିଜର ଗୁଣବତ୍ତା ସେବା ଓ କର୍ମଚାରୀଙ୍କୁ ମୌଳିକ ଭିତ୍ତିଭୂମି ଯୋଗାଇ ଏହି ସମ୍ମାନର ଅଧିକାରୀ ହୋଇପାରିଛି। ନିଜର ଉପଭୋକ୍ତାମାନଙ୍କୁ ଗୁଣାତ୍ମକ ବିଜୁଳି ସେବା ଯୋଗାଇବା ଦିଗରେ ଟିପିଏନ୍‌ଓଡିଏଲ୍ ଗୁରୁତ୍ୱ ଦେବା ସହ ସାମାଜିକ ବିକାଶ ମୂଲ୍ୟବୋଧକୁ ଗୁରୁଦାୟିତ୍ୱ ସହ ବହନ କରୁଛି ବୋଲି କହିଥିଲେ। ମୁଖ୍ୟ ଅତିଥି ଭାବେ ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ ଯୋଗଦେଇ ଟିପିଏନ୍‌ଓଡିଏଲ୍‌ର କାର୍ଯ୍ୟଶୈଳୀ ଓ ବିଦ୍ୟୁତ୍ ସେବା ବିତରଣ କ୍ଷେତ୍ରରେ ଗ୍ରହଣ କରାଯାଇଥିବା ଉନ୍ନତିମୂଳକ ପଦକ୍ଷେପଗୁଡ଼ିକୁ ଉଚ୍ଚ ପ୍ରଶଂସା କରିଥିଲେ। ସମ୍ମାନୀତ ଅତିଥି ଭାବେ ମାନବ ସମ୍ବଳ ବିଭାଗ ମୁଖ୍ୟ ଶ୍ରୀବଲ୍ଲଭ ସିଂ, ଚିଫ୍ କମର୍ସିଆଲ ପ୍ରବୀନ ବର୍ମା ଓ ବରିଷ୍ଠ ଜେନେରାଲ ମ୍ୟାନେଜର(ଅପରେଶନ) ଶରତ ଚନ୍ଦ୍ର ମହାଳିକ ଯୋଗଦେଇ ସ୍ୱଳ୍ପ ଅବଧିରେ ଟିପିଏନ୍‌ଓଡିଏଲ୍ ହାସଲ କରିଥିବା ସଫଳତାଗୁଡ଼ିକୁ ଉପସ୍ଥାପନ କରିଥିଲେ। କାର୍ଯ୍ୟକ୍ରମରେ ଟିପିଏନ୍‌ଓଡିଏଲ୍ ବାଲେଶ୍ୱର, ବାରିପଦା, କେନ୍ଦୁଝର, ଭଦ୍ରକ ଓ ଯାଜପୁର ଆଦି ୫ ବୈଦ୍ୟୁତିକ କ୍ଷେତ୍ରରୁ ସମସ୍ତ କର୍ମଚାରୀ ଓ ସେମାନଙ୍କ ପରିବାର ବର୍ଗ ଯୋଗ ଦେଇଥିଲେ। କୁନି କୁନି ପିଲାଙ୍କ ସମେତ କର୍ମଚାରୀମାନେ ନୃତ୍ୟ ଓ ସଙ୍ଗୀତ ପରିବେଷଣ କରିଥିଲେ। କଣ୍ଠଶିଳ୍ପୀ ମନ୍ଟୁ ଛୁରିଆଙ୍କ ମନ ମତାଣିଆ ସଙ୍ଗୀତ ଉତ୍ସବରେ ବିଶେଷ ଆକର୍ଷଣ ଥିଲା। ଉତ୍ସବରେ ଟିପିଏନ୍‌ଓଡିଏଲ୍‌ର କର୍ମଚାରୀମାନଙ୍କ ଦ୍ୱାରା ପ୍ରସ୍ତୁତ ବିଭିନ୍ନ ଖାଦ୍ୟ ଓ ଅନ୍ୟାନ୍ୟ ସାମଗ୍ରୀ ଷ୍ଟଲଗୁଡ଼ିକରେ ବେଶ୍ ଭିଡ଼ ଦେଖିବାକୁ ମିଳିଥିଲା।



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

# ସବୁଠି ଉତ୍ସବର ମାହୋଲ

ବାରିପଦା(ନୀଳାଦ୍ରି ବିହାରୀ ଦଣ୍ଡପାଟ)/ବାଙ୍ଗିରିପୋଷି(ସଞ୍ଜୟ କୁମାର ଅଗ୍ରୱାଲା)/ଗୋପବନ୍ଧୁ ନଗର (ଶାନ୍ତନୁ କୁମାର ମଡୁଆଳ)/ଠାକୁରମୁଣ୍ଡା(ତାରାକାନ୍ତ ପଟ୍ଟନାୟକ)/ ଖୁଣ୍ଟା (ଦେବରଞ୍ଜନ ବେହେରା)/ କରଞ୍ଜିଆ (କବିତା ମହାନ୍ତ)/ ଉଦଳା (ସନ୍ତୋଷ ବାଛିନୀ),୨୨।୧

ଅଯୋଧ୍ୟାରେ ପ୍ରଭୁ ଶ୍ରୀରାମଙ୍କ ପ୍ରାଣ ପ୍ରତିଷ୍ଠା ଓ ନୂତନ ମନ୍ଦିର ପ୍ରତିଷ୍ଠା ଉତ୍ସବ ଅବସରରେ ମୟୂରଭଞ୍ଜ ଜିଲା ଉତ୍ସବମୁଖର ହୋଇଥିଲା। ବାରିପଦା ଓ ଗ୍ରାମାଞ୍ଚଳରେ ଭକ୍ତମାନେ ନିକଟସ୍ଥ ମନ୍ଦିରକୁ ଯାଇ ପୂଜାର୍ଚ୍ଚନା କରିଥିଲେ। ପୂର୍ଣ୍ଣ କୁମ୍ଭ ସ୍ଥାପନ ପୂର୍ବକ ହନୁମାନ ଚାଳିଶା ପାଠ କରିଛନ୍ତି। ସନ୍ଧ୍ୟାରେ ଘରଠାରୁ ଆରମ୍ଭ କରି ମଠ, ମନ୍ଦିରରେ ପ୍ରଦୀପ ପ୍ରଜ୍ଜ୍ୱଳନ କରି ଦୀପାବଳି ପାଳିଛନ୍ତି। ବିଭିନ୍ନ ସ୍ଥାନରେ ହିନ୍ଦୁ ସଙ୍ଗଠନ ପକ୍ଷରୁ କୁନି ପିଲାମାନଙ୍କୁ ନେଇ ପ୍ରଭୁ ଶ୍ରୀରାମ, ଲକ୍ଷ୍ମଣ, ମାତା ସୀତା ଏବଂ ହନୁମାନଙ୍କ ବେଶରେ ସଜ୍ଜିତ କରାଯାଇ ବଜାର ପରିକ୍ରମା କରାଯାଇଛି। ପ୍ରାୟ ଏକ ଶହରୁ ଊର୍ଦ୍ଧ୍ୱ ସ୍ଥାନରେ ଭଜନ କୀର୍ତ୍ତନ, ହରିବୋଲ, ଜୟ ଶ୍ରୀରାମ ଧ୍ୱନିରେ ବଜାର ପ୍ରକମ୍ପିତ ହୋଇଥିଲା। ରଘୁନାଥପୁରସ୍ଥିତ ଶ୍ରୀ ଶ୍ରୀ ହରିହର ମନ୍ଦିରରେ ଉତ୍ସବ ପାଳନ କରାଯାଇଛି।

ବାଙ୍ଗିରିପୋଷି ଅଞ୍ଚଳରେ ଆଦେଶ୍ୱର ହନୁମାନ ମନ୍ଦିର ପରିସର ଭକ୍ତିମୟ ହୋଇଉଠିଥିଲା। ବାଙ୍ଗିରିପୋଷି ସମେତ ଚନ୍ଦନପୁର, ବୁଢ଼ାମରା, ଧୋବଣୀଶୋଳ, ମଣଦାଠାରେ ହୋମଯଜ୍ଞ ହୋଇଥିଲା। ଆଦେଶ୍ୱର ମନ୍ଦିରରୁ ଶୋଭାଯାତ୍ରା ବାହାରି ବଜାର ପରିକ୍ରମା କରିଥିଲା। ଗୋପବନ୍ଧୁ ନଗରର ବିଭିନ୍ନ ମନ୍ଦିର ପତାକା ସାଜସଜା ଓ ଆଲୋକମାଳାରେ ଝଲସି ଉଠିଥିଲା। ବିଭିନ୍ନ ସ୍ଥାନରେ ଭାଜପା କର୍ମୀମାନେ ଦାୟିତ୍ୱ ତୁଲାଇଥିବା ଦେଖିବାକୁ ମିଳିଥିଲା।



ବାରିପଦା ରଘୁନାଥପୁରସ୍ଥିତ ହରିହର ମନ୍ଦିର ପରିସରରେ ଶ୍ରଦ୍ଧାଳୁଙ୍କ ଭିଡ଼।

ଠାକୁରମୁଣ୍ଡା ଅଞ୍ଚଳ ରୁଗୁଡ଼ବେଡ଼ା ଗ୍ରାମରେ ଥିବା ସୀତାରାମ ମନ୍ଦିରରୁ ଶୋଭାଯାତ୍ରା ବାହାରି ବିଭିନ୍ନ ଗ୍ରାମ ଦେଇ ଠାକୁରମୁଣ୍ଡା ବଜାର ହନୁମାନ ଛକରେ ପହଞ୍ଚିଥିଲା। ସେହିପରି ତଳପଦା ଠାକୁରାଣୀ ମଣ୍ଡପ, କେନ୍ଦୁଜିଆଣି ଶିବ ମନ୍ଦିର, ମହୁଲଡ଼ିହା ନିକଟ ଘୁଲୁଘୁଲିଆ ହନୁମାନ ମନ୍ଦିର, ଦୁବପାଳ ଶିବ ମନ୍ଦିର, ସୁନିନ୍ଦା ଶିବ ମନ୍ଦିର, ମିଟୁଆଣି ହନୁମାନ ମନ୍ଦିର, ଖୁଣ୍ଟାପୋଷି ଶନିମନ୍ଦିର, ତରାମରା ସଂକୀର୍ତ୍ତନ ମଣ୍ଡପ ସମେତ ବିଭିନ୍ନ ଗ୍ରାମରେ ପୂଜାର୍ଚ୍ଚନା ଭଜନ କୀର୍ତ୍ତନ, ପ୍ରସାଦ ସେବନର ଅୟୋଜିତ ହୋଇଥିଲା।

ଖୁଣ୍ଟା ମିନିଷ୍ଟାଡିୟମ ପରିସରରେ ଥିବା ହନୁମାନ ମନ୍ଦିରରେ ଉତ୍ସବ ପାଳନ ହୋଇଥିଲା। ହନୁମତ କୃପା ପରିଷଦ, ଖୁଣ୍ଟା ପକ୍ଷରୁ ଶୋଭାଯାତ୍ରା ହନୁମାନ ମନ୍ଦିର ପରିସରରୁ ବାହାରି ଖୁଣ୍ଟା ପଞ୍ଚାୟତର ୧୧ ୱାର୍ଡ ସମେତ ବଜାର ପରିଭ୍ରମଣ କରିଥିଲା। ଅପରପକ୍ଷେ ୨୧ ତାରିଖଠାରୁ ଖୁଣ୍ଟାସ୍ଥିତ ହନୁମାନ ମନ୍ଦିରରେ ଅଖଣ୍ଡ ରାମଚରିତ ମାନସ ପଠନ, ରାମସ୍ତୁତି କରାଯାଉଥିବା ବେଳେ ଫେବୃୟାରୀ ୪ ପର୍ଯ୍ୟନ୍ତ ନବାହ୍ନ ପାରାୟଣ, ଯଜ୍ଞ, ପ୍ରବଚନ ଜାରି ରହିଛି। କରଞ୍ଜିଆ ଉଚ୍ଚ ବିଦ୍ୟାଳୟ ନିକଟରେ ବହୁ ଧାର୍ମିକ ଅନୁଷ୍ଠାନର କର୍ମକର୍ତ୍ତା, ଛାତ୍ରୀଛାତ୍ର, ଯୁବ ଅନୁଷ୍ଠାନର କର୍ମକର୍ତ୍ତାଙ୍କୁ ନେଇ ଶୋଭାଯାତ୍ରା ସହର ପରିକ୍ରମା କରିଥିଲା। ସହର ଓ ଆଖପାଖ ମନ୍ଦିରଗୁଡ଼ିକୁ ସୁସଜ୍ଜିତ କରି ସ୍ୱତନ୍ତ୍ର ପୂଜା କରାଯାଇଥିଲା। ଦୋଳ ପଡ଼ିଆରେ ଲୋକେ ବଡ଼ ପରଦାରେ ଅଯୋଧ୍ୟାରେ ରାମ ଲାଲାଙ୍କ ପ୍ରାଣ ପ୍ରତିଷ୍ଠାର ସିଧାପ୍ରସାରଣ ଦେଖିଥିଲେ।

ଉଦଳା ରାମ ମନ୍ଦିର ପକ୍ଷରୁ ବିଶାଳ ଶୋଭାଯାତ୍ରା ବଜାର ପରିକ୍ରମା କରିଥିଲା। ସେହିପରି ଉଦଳା ହନୁମାନ ମନ୍ଦିରରେ ପୂଜାର୍ଚ୍ଚନା ସହ ଶ୍ରଦ୍ଧାଳୁଙ୍କ ଭିଡ଼ ହୋଇଥିଲା।

# ବାସୁଦେବପୁରରେ ଜଳିଲା ସାଢ଼େ ୬ ଫୁଟ୍‌ର ଦୀପ



ବ୍ଲକରୋଡ୍ କାଳୀ ମଣ୍ଡପ ସାମ୍ନାରେ ବିଶାଳ ଦୀପ ପ୍ରଜ୍ଜ୍ୱଳନ କରାଯାଇଛି।

ବାସୁଦେବପୁର,୨୨।୧ (ନାରାୟଣ ପ୍ରସାଦ ବାରିକ୍)

ଅଯୋଧ୍ୟାରେ ପ୍ରଭୁ ଶ୍ରୀରାମଙ୍କ ଭବ୍ୟ ମନ୍ଦିର ଓ ପ୍ରାଣ ପ୍ରତିଷ୍ଠା ଉତ୍ସବ ଅବସରରେ ଭଦ୍ରକ ଜିଲାର ବାସୁଦେବପୁର ସହର ମଧ୍ୟରେ ବ୍ଲକରୋଡ୍ ପୂଜା ମଣ୍ଡପ ସାମ୍ନାରେ ସାଢ଼େ ୬ ଫୁଟ୍‌ର ଦୀପ ପ୍ରଜ୍ଜ୍ୱଳନ କରାଯାଇଛି। ବ୍ଲକ କାଳୀ କମିଟି ଆନୁକୂଲ୍ୟରେ ତଥା ଭକ୍ତଙ୍କ ସହଯୋଗରେ ନିର୍ମିତ ହୋଇଛି ଏହି ବିଶାଳ ଦୀପ। ଭକ୍ତମାନେ ବହୁ ସଂଖ୍ୟାରେ ଯୋଗଦେଇ ଦୀପରେ ତେଲ, ଘିଅ ଅର୍ପଣ କରିଥିଲେ। ବିଧାୟକ ବିଷ୍ଣୁବ୍ରତ ରାଉତରାୟ, ବ୍ଲକ ଅଧ୍ୟକ୍ଷ ନଗେନ୍ଦ୍ର ବିଶ୍ୱାଳ, ସାମାଜିକ କର୍ମୀ ଦୀନବନ୍ଧୁ ପତିଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଦୀପରେ ତେଲ, ଘିଅ ଅର୍ପଣ କରିଥିଲେ। ଆନୁମାନିକ ୧୦ ହଜାର ଲିଟର ଘିଅ ଏଥିରେ ଲାଗିଛି। ସେହିପରି ବାଲିନଗରସ୍ଥିତ ପଞ୍ଚମୁଖୀ ହନୁମାନ କମିଟି ପକ୍ଷରୁ ବିଶାଳ ଶୋଭାଯାତ୍ରା ସହର ପରିକ୍ରମା କରିଥିଲା। ବାସୁଦେବପୁର ହନୁମାନ ବାଟିକା ପରିସରରେ ଶ୍ରୀରାମଙ୍କ ମନ୍ଦିରରେ ଶ୍ରଦ୍ଧାଳୁ ପୂଜାର୍ଚ୍ଚନା କରିବା ସହ ରାମ, ଲକ୍ଷ୍ମଣ, ସୀତା ଓ ହନୁମାନଙ୍କୁ ଦର୍ଶନ କରିଥିଲେ। ବଛଦା ରାମମନ୍ଦିରରେ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା। ବାସୁଦେବପୁର ନୀଳମଣି ମାର୍କେଟ କମ୍ପ୍ଲେକ୍ସ ସାମ୍ନାରେ ଦୀପଦାନ କରାଯାଇଛି।

# ଏକ ଲକ୍ଷ ଦୀପ ଜଳାଇ ରାମଙ୍କୁ ସ୍ୱାଗତ

କେନ୍ଦୁଝର,୨୨।୧(ନରେଶ ଚନ୍ଦ୍ର ପଟ୍ଟନାୟକ/ଦୀପକ ମିଶ୍ର)

ଅଯୋଧ୍ୟାରେ ଶ୍ରୀରାମ ମନ୍ଦିର ପ୍ରତିଷ୍ଠା ଓ ରାମଲାଲାଙ୍କ ପ୍ରାଣ ପ୍ରତିଷ୍ଠା ଅବସରରେ କେନ୍ଦୁଝର ଜିଲାରେ ବିଭିନ୍ନ ହିନ୍ଦୁ ଓ ଧାର୍ମିକ ସଂଗଠନ ପକ୍ଷରୁ ବ୍ୟାପକ କାର୍ଯ୍ୟକ୍ରମ ବିଭିନ୍ନ ଦେବଦେବୀ ପୀଠରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସ୍ଥାନୀୟ ଗାୟତ୍ରୀ ପରିବାର ଓ ରାମଭକ୍ତଙ୍କ ସହାୟତାରେ ଶ୍ରୀ ବଳଦେବଜୀଉଙ୍କ ନିକଟ ବଡ଼ଦାଣ୍ଡରେ ଏକ ଲକ୍ଷ ଦୀପ ପ୍ରଜ୍ଜ୍ୱଳନ କରାଯାଇ ପ୍ରଭୁ ରାମଙ୍କୁ ସ୍ୱାଗତ ଜଣାଇବା ସହ ଶ୍ରଦ୍ଧା ସୁମନ ଅର୍ପଣ କରାଯାଇଛି। କେନ୍ଦୁଝରସ୍ଥିତ ମାଇନିଂ ରୋଡ୍ ରାମ ମନ୍ଦିର, ନିୟୁ କଲୋନୀ, ଟେଲିଫୋନ୍ ଏକ୍ସଚେଞ୍ଜ ଓ ଷ୍ଟେଟ୍ ବ୍ୟାଙ୍କ ଅଫ ଇଣ୍ଡିଆ ପାଖ ହନୁମାନ ମନ୍ଦିରରେ ଯଜ୍ଞ ଓ ୧୦୮ ହନୁମାନ ଚାଳିଶା ସମେତ ଅନ୍ୟାନ୍ୟ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି।



ବଡ଼ଦାଣ୍ଡରେ ଶ୍ରଦ୍ଧାଳୁ ଦୀପ ପ୍ରଜ୍ଜ୍ୱଳନ କରୁଛନ୍ତି।



ରାମଲାଲାଙ୍କ ପ୍ରାଣ ପ୍ରତିଷ୍ଠା ଉପଲକ୍ଷେ ବାଲେଶ୍ୱର ପରମିଟ୍ ପଡ଼ିଆରେ ୧ ଲକ୍ଷ ଦୀପ ଯଜ୍ଞ।

# ଝଲସିଲା ମନ୍ଦିର, ସବୁଠି ରାମନାମ

ବାଲେଶ୍ୱର(ମାନସ ବିଶ୍ୱାଳ)/ଜଳେଶ୍ୱର(ରବିନାରାୟଣ ପାତ୍ର)/ ବସ୍ତା(ହରିଶଙ୍କର ପାଢ଼ୀ)/ ବାହାନଗା(ଅରୂପ୍ କୁମାର ଦାସ)/ ବାଲିଆପାଳ(ଅମୂଲ୍ୟ କୁମାର ଦାସ/ରାଜଶ୍ରୀ ପାଣିଗ୍ରାହୀ/ଗୋପାଳ ଚନ୍ଦ୍ର ସାହୁ)/ ନୀଳଗିରି(ପ୍ରଶାନ୍ତ ବିଶ୍ୱାଳ)/ ସୋର, ୨୨।୧(ଜନ୍ମେଜୟ ମିଶ୍ର)

ଅଯୋଧ୍ୟାରେ ରାମଲାଲାଙ୍କ ପ୍ରାଣ ପ୍ରତିଷ୍ଠା ଉପଲକ୍ଷେ ବାଲେଶ୍ୱର ଜିଲାର ଗାଁରୁ ସହର ସବୁଠି ଉତ୍ସବମୁଖର ହୋଇପଡ଼ିଥିଲା। ଜିଲାର ପ୍ରତ୍ୟେକ ମନ୍ଦିର, ଭାଗବତ ଟୁଙ୍ଗି, ମଠ ଆଲୋକମାଳାରେ ଝଲସି ଉଠିଥିଲା। ଏପରିକି ଘରେ ଘରେ ମୁରୁଜ ଆଙ୍କିବା ସହ ଦୀପ ପ୍ରଜ୍ଜ୍ୱଳନ କରାଯିବା ଏକପ୍ରକାର ଦୀପାବଳି ଭଳି ପ୍ରତୀୟମାନ ହୋଇଥିଲା। ସବୁଠାରୁ ଆକର୍ଷଣ ଥିଲା ସନ୍ଧ୍ୟା ସମୟରେ ପରମିଟ୍ ପଡ଼ିଆରେ ଏକ ଲକ୍ଷ ଦୀପ ଯଜ୍ଞ କାର୍ଯ୍ୟକ୍ରମ। ବାଲେଶ୍ୱର ସହରରେ ନୂତନ ଭାବେ ରାମ ମନ୍ଦିର ନିର୍ମାଣ ପାଇଁ ଗଳାପୋଲ ନିକଟସ୍ଥ ଶ୍ରୀରାମନଗରରେ ଶ୍ରୀରାମ ମନ୍ଦିର ଟ୍ରଷ୍ଟ ବାଲେଶ୍ୱର ପକ୍ଷରୁ ଏକ ଭବ୍ୟ ମନ୍ଦିର ନିର୍ମାଣ ପାଇଁ ସୋମବାର ଭୂମି ପୂଜନ କରାଯାଇଛି।

ଜଳେଶ୍ୱରର ବିଭିନ୍ନ ଅଞ୍ଚଳରେ ଭଜନ, କୀର୍ତ୍ତନ ସାଙ୍ଗକୁ ଭୋଜନର ବ୍ୟବସ୍ଥା କରାଯାଇଥିଲା। ବସ୍ତା ଅଞ୍ଚଳ ଜୟ ଶ୍ରୀରାମ ଧ୍ୱନିରେ ପ୍ରକମ୍ପିତ ହୋଇ ହୋଇଥିଲା। ସନ୍ଧ୍ୟାରେ ଏକ ଶୋଭାଯାତ୍ରା ନଗର ପରିକ୍ରମା କରିଥିଲା। ବାହାନଗା ବ୍ଲକ ଅଞ୍ଚଳ ଉତ୍ସବ ମୁଖର ହୋଇ ପଡ଼ିଥିଲା। ପ୍ରତ୍ୟେକ ମନ୍ଦିରରେ ପୂଜାର୍ଚ୍ଚନା ସହ ଭଜନ କୀର୍ତ୍ତନ, ଶୋଭାଯାତ୍ରା ସାଙ୍ଗକୁ ଦୀପ ପ୍ରଜ୍ଜ୍ୱଳନ କରାଯାଇଥିଲା। ଭୋଗରାଇ ବ୍ଲକ ଅଞ୍ଚଳ ସୋମବାର ସକାଳୁ ରାତି ପର୍ଯ୍ୟନ୍ତ ଉତ୍ସବ ମୁଖର ହୋଇ ପଡ଼ିଥିଲା। ଅଧିକାଂଶ ମନ୍ଦିରରେ ଖେଚୁଡ଼ି ଭୋଗ ଲଗାଯାଇ ବଣ୍ଟନ କରାଯାଇଥିଲା। ଚୌକିଠାରେ ସ୍ଥାନୀୟ ଯୁବକମାନେ ୮ ହଜାର ଶ୍ରଦ୍ଧାଳୁଙ୍କୁ ଖେଚୁଡ଼ି ଭୋଗ ବଣ୍ଟନ କରିଥିଲେ। ବାଲିଆପାଳ ବ୍ଲକ ଅଞ୍ଚଳ ଗୈରିକ ମୟ ହୋଇଥିବା ବେଳେ ରାମ ଧ୍ୱନିରେ ପ୍ରକମ୍ପିତ ହୋଇ ଉଠିଥିଲା। ସାଉଡ଼ି ପଞ୍ଚାୟତର ପଞ୍ଚମୀ ପଡ଼ିଆରେ ରାମଲାଲାଙ୍କ ପ୍ରାଣ ପ୍ରତିଷ୍ଠା ଉତ୍ସବ ଧୁମ୍‌ଧାମ୍‌ରେ ପାଳିତ ହୋଇଯାଇଛି। ନୀଳଗିରି ଉପଖଣ୍ଡର ଗ୍ରାମାଞ୍ଚଳଠାରୁ ଆରମ୍ଭ କରି ସହର ପର୍ଯ୍ୟନ୍ତ ରାମମୟ ହୋଇଯାଇଥିଲା। ବିଭିନ୍ନ ସ୍ଥାନରେ ରାମନାମ ଜପ ସହିତ ସଂକୀର୍ତ୍ତନ, ହୋମ, ଯଜ୍ଞ କରାଯାଇଥିଲା। ସୋର ଅଞ୍ଚଳ ଭଜନ କୀର୍ତ୍ତନ ସାଙ୍ଗକୁ ରାମଧୂନରେ କମ୍ପି ଉଠିଥିଲା।

# ଗ୍ରାମାଞ୍ଚଳରେ ଉତ୍ସାହ

ଧାମନଗର ,୨୨।୧(ଦେବେନ୍ଦ୍ର ଆନ୍ଦିଆ)

ଭଦ୍ରକ ଜିଲା ଧାମନଗର ବ୍ଲକ ଗ୍ରାମାଞ୍ଚଳରେ ସମସ୍ତଙ୍କଠାରେ ଉତ୍ସାହ ଦେଖିବାକୁ ମିଳିଥିଲା। ରାସ୍ତା ପରିସର ଗଛକୁ ଗେରୁଆ ରଙ୍ଗର ପତାକା ଲଗାଯାଇ ସଜ୍ଜିତ କରାଯାଇଥିଲା। ଜୟ ଶ୍ରୀରାମ ଧ୍ୱନିରେ ପ୍ରକମ୍ପିତ ହୋଇଥିଲା ଗ୍ରାମାଞ୍ଚଳ। ସମସ୍ତଙ୍କ ଘର ସମ୍ମୁଖରେ କଳସ ବସାଯିବା ସହ ଝୋଟି, ମୁରୁଜ ପକାଯାଇ ସଜ୍ଜିତ କରାଯାଇଥିଲା। ଗ୍ରାମର ମହିଳାମାନେ ବିଭିନ୍ନ ଛକରେ ଅଟକାଇ ଦୀପ ଫୁଲରେ ବନ୍ଦାପନା କରି ସ୍ୱାଗତ କରିଥିଲେ। ଦେହୁଡ଼ି ଆନନ୍ଦପୁର ପଞ୍ଚାୟତର ଉତ୍ତେଇପୁର, ମାନଲାପୁର, ପାହାଡ଼ପୁର, ଆନନ୍ଦପୁର ଆଦି ଗ୍ରାମକୁ ସୁସଜ୍ଜିତ ଗାଡ଼ିରେ ଶ୍ରୀରାମଙ୍କ ଫଟୋଚିତ୍ର ସହ ସ୍ଥାନୀୟ ଶିଶୁ ବିଦ୍ୟାମନ୍ଦିର ପିଲାମାନଙ୍କୁ ରାମ, ଲକ୍ଷ୍ମଣ, ସୀତା ବେଶରେ ସଜ୍ଜିତ କରାଯାଇ କୀର୍ତ୍ତନ, ସିଂହ ବାଜା, ଢୋଲ, ଓଡ଼ିଶୀ ନୃତ୍ୟରେ ଗ୍ରାମ ପରିକ୍ରମା କରାଯାଇଥିଲା। ସନ୍ଧ୍ୟାରେ ବାଲିପାଟଣା ଜଗତେଶ୍ୱର ମନ୍ଦିର ପରିସରରେ ଦୀପ ପ୍ରଜ୍ଜ୍ୱଳନ କରାଯାଇଥିଲା। ଆନନ୍ଦପୁର ପଞ୍ଚାୟତରେ ଆୟୋଜିତ ଶୋଭାଯାତ୍ରାରେ ବିଧାୟକ ସୂର୍ଯ୍ୟବଂଶୀ ସୂରଜ, ଅରବିନ୍ଦ ପତି ପ୍ରମୁଖ ସାମିଲ ହୋଇଥିଲେ। ରମେଶ ଚନ୍ଦ୍ର ପତି, ପ୍ରମୋଦ ଆନ୍ଦିଆ, କୁଳମଣି ଶତପଥୀ, ମିନାକ୍ଷୀ ଶତପଥୀ ପ୍ରମୁଖ ପରିଚାଳନା କରିଥିଲେ।



ଆନନ୍ଦପୁର ପଞ୍ଚାୟତରେ ଅନୁଷ୍ଠିତ ଶୋଭାଯାତ୍ରାରେ ବିଧାୟକ ସୂର୍ଯ୍ୟବଂଶୀ ସୂରଜ ଓ ଅନ୍ୟମାନେ।

# ପୁରାତନ ଛାତ୍ରଙ୍କ ବନ୍ଧୁମିଳନ

ଚାନ୍ଦବାଲି,୨୨।୧(ଅଶୋକ କୁମାର ପଣ୍ଡା)–ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକ ଧାମରାସ୍ଥିତ ବାଂଶଡ଼ା ହାଇସ୍କୁଲରେ ୨୦୦୧ ମାଟ୍ରିକ ବ୍ୟାଚ୍ ଛାତ୍ରୀଛାତ୍ରଙ୍କ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ପ୍ରଧାନଶିକ୍ଷକ ଗଜେନ୍ଦ୍ର ପ୍ରସାଦ ପାତ୍ରଙ୍କ ସଭାପତିତ୍ୱରେ ପୂର୍ବତନ ଗୁରୁଜୀମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଏବେ ଉକ୍ତ ସ୍କୁଲରେ ୨୦୯ ଛାତ୍ରୀଛାତ୍ରଙ୍କୁ ଜଣେ ମାତ୍ର ଶିକ୍ଷକ ଶିକ୍ଷାଦାନ କରୁଥିବା ନେଇ ଉଦ୍‌ବେଗ ପ୍ରକାଶ ପାଇଛି। ପୂର୍ବତନ ଶିକ୍ଷକ ରଙ୍କନିଧି ରାଉତ, ଧନେଶ୍ୱର ଦାସ, ବୀରବର ଦତ୍ତ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ସ୍କୁଲର ଅନ୍ୟତମ ପ୍ରତିଷ୍ଠାତା ସଦସ୍ୟ ଉଗ୍ରସେନ ମଡୁଆଳ, ବୀରବର ପାତ୍ର, ପୂର୍ବତନ ଶିକ୍ଷକ ନାରାୟଣ ବେହେରା, ସୁଦର୍ଶନ ଶତପଥୀ, ଉମାକାନ୍ତ ମିଶ୍ର, ଅମୂଲ୍ୟ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ପୁରାତନ ଛାତ୍ର ରବିନାରାୟଣ ବେହେରା, ସଦାଶିବ ସ୍ୱାଇଁ, ସବ୍ୟସାଚୀ ମଡୁଆଳ, ଲୁଲୁ ବେହେରା, ପ୍ରଫୁଲ୍ଲ ଦାସ, ଛାତ୍ରୀ ସାବିତ୍ରୀ ବାରିକ, ଛବି ପରିଡ଼ା ପ୍ରମୁଖ ସାମିଲ ଥିଲେ।

# ମା’ ହତ୍ୟାକାରୀ ପୁଅଙ୍କୁ ଆଜୀବନ ଜେଲ

କେନ୍ଦୁଝର,୨୨।୧(ଦୀପକ ମିଶ୍ର)

କେନ୍ଦୁଝର ଏଡିଜେ କୋର୍ଟରେ ସୋମବାର ଏକ ହତ୍ୟା ଘଟଣାର ରାୟ ପ୍ରକାଶ ପାଇଛି। ଅତିରିକ୍ତ ଜିଲାଜଜ ମମିତା ଦାସ ମା’ଙ୍କୁ ହତ୍ୟା କରିଥିବା ପୁଅକୁ ଦୋଷୀ ସାବ୍ୟସ୍ତ କରି ଆଜୀବନ ଜେଲଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୧୦ ହଜାର ଟଙ୍କା ଜରିମାନା ଓ ଅନାଦେୟ ଅଧିକ ୬ ମାସ ସଶ୍ରମ କାରଦଣ୍ଡ ଶୁଣାଇଛନ୍ତି। ମାମଲା ବିବରଣୀ ଅନୁଯାୟୀ, କାଞ୍ଜିପାଣି ଥାନା ଅନ୍ତର୍ଗତ ନିପୋ ଗ୍ରାମର ଜହ୍ନି ସନଙ୍ଗିଙ୍କ ସ୍ୱାମୀଙ୍କ ମୃତ୍ୟୁ ପରେ ସାବତ ପୁଅ ବୋଇତାଲୁ ସନଙ୍ଗି(୩୦)ଙ୍କ ସହ ରହୁଥିଲେ। ୨୭ ଜାନୁଆରୀ ୨୦୨୦ରେ କୌଣସି କାରଣକୁ ନେଇ ସାବତ ପୁଅ ଜହ୍ନିଙ୍କୁ ଟାଙ୍ଗିଆରେ ହାଣି ହତ୍ୟା କରିଥିଲେ। ଖବର ପାଇ ମୃତକଙ୍କ ଭାଇ ଆଇନ୍ଦୁ ଦେହୁରୀ ନିପୋ ଗ୍ରାମରେ ପହଞ୍ଚି ଥାନାରେ ଅଭିଯୋଗ କରିଥିଲେ। କାଞ୍ଜିପାଣି ପୋଲିସ ଏକ ମାମଲା(ନଂ. ୫/୨୦) ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରିଥିଲା। ସୋମବାର ୨୨ ଜଣ ସାକ୍ଷୀଙ୍କ ବୟାନକୁ ଭିତ୍ତି କରି ଉପରୋକ୍ତ ରାୟ ଦେଇଥିବା ସରକାରଙ୍କ ପକ୍ଷରୁ ମାମଲା ପରିଚାଳନା କରୁଥିବା ଆଡ୍‌ସିନାଲ ପିପି ପ୍ରଫୁଲ୍ଲ କୁମାର ପାତ୍ର ସୂଚନା ଦେଇଛନ୍ତି।

# ଜୟ ଶ୍ରୀରାମ ଧ୍ୱନିରେ କମ୍ପିଲା ପତିରାଜପୁର ମେଳଣ ପଡ଼ିଆ

ଖଇରା,୨୨।୧(ଉତ୍କଳବନ୍ଧୁ ପଣ୍ଡା)

ଅଯୋଧ୍ୟାରେ ଶ୍ରୀରାମଲାଲାଙ୍କ ପ୍ରାଣପ୍ରତିଷ୍ଠା ଉପଲେକ୍ଷ ଖଇରା ବ୍ଲକର ମଠମନ୍ଦିରରେ ଅଧ୍ୟାତ୍ମିକ ପରିବେଶରେ ଯଜ୍ଞପ୍ରବଚନ ସାଙ୍ଗକୁ ଭଜନ ସଙ୍କୀର୍ତ୍ତନ ତଥା ଜୟଶ୍ରୀରାମ ଧ୍ୱନିରେ ପୁରପଲ୍ଲୀ ପ୍ରକମ୍ପିତ ହୋଇଛି। ଏହି ଅବସରରେ ଖଇରା ବ୍ଲକର ଐତିହାସିକ ପତିରାଜପୁର ମେଳଣ ପଡିଆ ଓ ଖଇରା ବଜାରସ୍ଥିତ ହନୁମାନ ମନ୍ଦିରଠାରେ ଦିବସବ୍ୟାପି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପତିରାଜପୁର ମେଳନ କମିଟି, ଗୋଳିହା ଶ୍ରୀରାମ ସମିତି ଓ ବିଶ୍ୱହିନ୍ଦୁ ପରିଷଦର ମିଳିତ ସହଯୋଗରେ ଅନୁଷ୍ଠିତ କାର୍ଯ୍ୟକ୍ରମର ପ୍ରାରମ୍ଭରେ ଏକ ବିଶାଳ କଳସ ଶୋଭାଯାତ୍ରା ଦିଘି ପୋଖରୀରୁ ଆସି ଯଜ୍ଞ ମଣ୍ଡପରେ ପହଞ୍ଚିଥିଲା । ପରେ ଭାଜପା ମୁଖପାତ୍ର ଠାକୁର ରଞ୍ଜିତ ଦାସଙ୍କ ତତ୍ତ୍ୱାବଧାନରେ କୁପାରୀ ଅମ୍ବିକା ଆଶ୍ରମର ସଞ୍ଚାଳକ ଶୁଭେନ୍ଦୁ ମୁନୀ ତଥା ବିଭିନ୍ନ ମଠମନ୍ଦିରରୁ ଆସିଥିବା ସାଧୁସନ୍ଥମାନେ ଉପସ୍ଥିତ ଥିବା ୨ହଜାରରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କୁ ରାମକଥା ଶୁଣାଇଥିଲେ। ସ୍ଥାନୀୟ ସରପଞ୍ଚ ପ୍ରତିନିଧି ସମ୍ପଦ ଘଡେଇ, ଭାସ୍କର ଚନ୍ଦ୍ର ହାତୀ, ରମଣି ନାୟକ, ଶଶିକାନ୍ତ ମିଶ୍ର, ଅଜୟ ବେହେରା, ଆଲୋକ ପଣ୍ଡା, ଭୀଷ୍ମଚରଣ ନାୟକ, ଡମ୍ବରୁ ମହାନ୍ତି, କମଳଲୋଚନ ମହାନ୍ତି, ଦିଲୀପ ପାଣ୍ଡିଆ, ସଞ୍ଜୟ ସାମଲ ପ୍ରମୁଖ ସହଯୋଗ କରିଥିଲେ । ସେହିଭଳି ଖଇରା ହନୁମାନ ମନ୍ଦିର ପରିସରରେ ଯଜ୍ଞର ଆୟୋଜନ କରାଯିବା ସହ ନାମ ସଙ୍କୀର୍ତ୍ତନ କରାଯାଇଥିଲା। ଭାଜପା ନେତା ପଦ୍ମଲୋଚନ ପଣ୍ଡା, ବ୍ଲକ ଅଧ୍ୟକ୍ଷା ଅଭିଲିପ୍ସା ସାହୁ, ଇଂ. ରାଜେଶ ମହାକୁଡ, ନୀଳମାଧବ ପଣ୍ଡା, ମଣ୍ଡଳ ସଭାପତି ରାଜେଶ କୁମାର ରାଉତ ଓ ପତିତପାବନ କର ପ୍ରମୁଖ ଉପସ୍ଥିତ ଥିଲେ।



ପତିରାଜପୁରରେ ସାଧୁସନ୍ଥମାନେ ଭକ୍ତଙ୍କୁ ରାମକଥା ଶୁଣାଉଛନ୍ତି।

# ଯୁବକଙ୍କୁ ଠେଙ୍ଗାରେ ପିଟି ହତ୍ୟା

ବେତନଟୀ,୨୨।୧(ଧରଣୀଧର ମହାନ୍ତି): ମୟୂରଭଞ୍ଜ ଜିଲା ବେତନଟୀ ଥାନା ଅଧୀନ ଖଡ଼ିକା ସାହି ଗ୍ରାମରେ ପୂର୍ବ ଶତ୍ରୁତାକୁ ନେଇ ଏକ ହତ୍ୟାକାଣ୍ଡ ଘଟିଯାଇଛି। ଗ୍ରାମର ରଣଜିତ ଦେହୁରୀଙ୍କୁ ହତ୍ୟା ହୋଇଥିବା ବେଳେ ପୋଲିସ ଅଭିଯୁକ୍ତ ରାମ ସୋରେନଙ୍କୁ ଗିରଫ କରି ତଦନ୍ତ କରୁଛି। ସୂଚନା ଅନୁଯାୟୀ, ରଣଜୀତଙ୍କ ସହ ରାମଙ୍କ କୌଣସି କାରଣକୁ ନେଇ କଳହ ଲାଗି ରହିଥିଲା। ଶନିବାର ରାମ ଏକ କାଠ ଫାଳିଆରେ ରଣଜୀତଙ୍କୁ ମାଡ଼ ମାରିଥିଲେ। ରଣଜୀତ ରକ୍ତ ଜୁଡୁବୁଡୁ ଅବସ୍ଥାରେ ତଳେ ପଡ଼ିଥିବା ବେଳେ ପରିବାର ଲୋକେ ଉଦ୍ଧାର କରି କିଶାନତାଣ୍ଡି ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରୁ ବାରିପଦା ପିଆରଏମ ମେଡିକାଲ କଲେଜକୁ ସ୍ଥାନାନ୍ତରିତ କରାଯାଇଥିଲା। ରବିବାର ତାଙ୍କର ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି। ରଣଜିତଙ୍କ ମା’ ସାଇଣୀ ଦେହୁରୀଙ୍କ ଅଭିଯୋଗ ପରେ ପୋଲିସ ଏକ ହତ୍ୟା ମାମଲା( ନଂ. ୩୬/୨୪) ରୁଜୁ କରି କରିଛି।

# ଫକୀରମୋହନ ବିଶ୍ୱବିଦ୍ୟାଳୟରେ ୩ ଦିନିଆ କର୍ମଶାଳା

ବାଲେଶ୍ୱର,୨୨।୧(ମାନସ ବିଶ୍ୱାଳ)

ବାଲେଶ୍ୱର ଜିଲା ରେମୁଣା ବ୍ଲକ ନୂଆପାଢ଼ୀସ୍ଥିତ ଫକୀରମୋହନ ବିଶ୍ୱବିଦ୍ୟାଳୟର ମାନବ ସମ୍ବଳ ବିକାଶ କେନ୍ଦ୍ର ଆନୁକୂଲ୍ୟରେ ‘ଆଡଭାନ୍ସ ଡାଟା ଆନାଲିସିସ୍ ବାୟ୍ ୟୁଜିଙ୍ଗ୍ ଏସ୍‌ପିଏସ୍‌ଏସ୍’ ଶୀର୍ଷକ ତ୍ରିଦିବସୀୟ ଫ୍ୟାକଲ୍ଟି ଡେଭେଲପମେଣ୍ଟ ପ୍ରୋଗ୍ରାମ୍ ଉଦ୍‌ଘାଟିତ ହୋଇଛି। କର୍ମଶାଳାରେ ଓଡ଼ିଶାର ବିଭିନ୍ନ ବିଶ୍ୱବିଦ୍ୟାଳୟରୁ ୪୦ରୁ ଊର୍ଦ୍ଧ୍ୱ ବିଦ୍ୟାର୍ଥୀ, ଗବେଷକ ଓ ଶିକ୍ଷାବିତ୍ ଅଂଶଗ୍ରହଣ କରିଛନ୍ତି। ଆସନ୍ତା ୨୪ ତାରିଖରେ ଏହି ପ୍ରଶିକ୍ଷଣ କର୍ମଶାଳା ଉଦ୍‌ଯାପିତ ହେବାର କାର୍ଯ୍ୟକ୍ରମ ରହିଛି।

ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ କର୍ମଶାଳାକୁ ଉଦ୍‌ଘାଟନ କରି ବିଷୟକ୍ରମ ଅତି ଉଚ୍ଚକୋଟୀର ଓ ସମୟପୋଯୋଗୀ ହୋଇଛି, ବିଶେଷତଃ ଅଭିଜ୍ଞ ଓ ପ୍ରବୀଣ ବିଷୟ-ବିଶେଷଜ୍ଞ ଏଥିରେ ପ୍ରଶିକ୍ଷକ ଭାବରେ ଯୋଗଦେଇଥିବା ହେତୁ ଅଂଶଗ୍ରହଣକାରୀଙ୍କ ପାଇଁ ଏହା ଏକ ଭଲ ସୁଯୋଗ ବୋଲି କହିଥିଲେ। ବିଷୟ ବିଶାରଦ ରବିଶଙ୍କର ବିଶ୍ୱବିଦ୍ୟାଳୟର ଅଧ୍ୟାପକ ଡ. ରାଜୀବ କୁମାର ଚୌଧୁରୀ ଯୋଗଦେଇ ବର୍ତ୍ତମାନ ଏହି ଏସ୍‌ପିଏସ୍‌ଏସ୍ ସଫ୍ଟୱେର୍‌ରେ ଆସିଥିବା ଅନେକ ନୂତନ ଫିଚର୍ ଗୁଡ଼ିକ ଗୁଣାତ୍ମକ ଗବେଷଣା କ୍ଷେତ୍ରରେ କିପରି ସହାୟକ ହୋଇପାରୁଛି ତା’ର ବିଭିନ୍ନ ଦିଗ ସମ୍ପର୍କରେ ଆଲୋଚନା କରିଥିଲେ। ମାନବ ସମ୍ବଳ ବିକାଶ କେନ୍ଦ୍ରର ନିର୍ଦ୍ଦେଶକ ପ୍ରଫେସର ମନୋରଞ୍ଜନ ମିଶ୍ର କର୍ମଶାଳାର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ମାନବ ସମ୍ବଳ ବିକାଶ କେନ୍ଦ୍ରର ଉପ ନିର୍ଦ୍ଦେଶକ ଡ. ଦେବଦତ୍ତ ଦାସ ଯୋଗଦେଇ ସବୁ ବିଷୟର ଗବେଷକଙ୍କ ପାଇଁ ଏହା ଏକ ଉପାଦେୟ ବିଷୟ ବୋଲି ପ୍ରକାଶ କରିଥିଲେ। ମାନବ ସମ୍ବଳ ବିକାଶ କେନ୍ଦ୍ରର ସଦସ୍ୟ ତଥା ଅଧ୍ୟାପିକା ଡ. ରାଜଶ୍ରୀ ଦତ୍ତ ଅତିଥି ପରିଚୟ ଓ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିବା ବେଳେ ଅଧ୍ୟାପକ ଡ. ସଚିତା ନନ୍ଦ ଶା ଧନ୍ୟବାଦ ଦେଇଥିଲେ।



କର୍ମଶାଳାରେ ଅଂଶଗ୍ରହଣ କରିଥିବା ବିଦ୍ୟାର୍ଥୀ, ଗବେଷକ ଓ ଶିକ୍ଷାବିତ।

